# NATIONAL NEWS BULLETIN (ODIA)

## 02nd July - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ସରିତା ସାହୁ**

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାର ସମସ୍ତଙ୍କ ପାଇଁ ସମାନ ନ୍ୟାୟ ନୀତି ଉପରେ ଗୁରୁତ୍ୱ ଦେଉଛି ବୋଲି କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଧନ୍ୟବାଦ ପ୍ରସ୍ତାବ ଉପରେ ଆସନ୍ତାକାଲି ରାଜ୍ୟସଭାରେ ଉତ୍ତର ରଖିବେ ପ୍ରଧାନମନ୍ତ୍ରୀ ।

- ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ପାଞ୍ଚ ଦିନ ପାଇଁ ଗୃହରୁ ନିଲମ୍ବିତ ।
- ଗ୍ଲୋବାଲ ଇଣ୍ଡିଆ ଏ.ଆଇ. ଶିଖର ସମ୍ମିଳନୀ-୨୦୨୪ ଆସନ୍ତାକାଲିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।
- ବ୍ରାଜିଲରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଶହେ ଅଣାଅସୀ ଜଣଙ୍କ ମୃତ୍ୟୁ ।

ଏବଂ

- କାର୍ଗିଲ ବିଜୟ ଦିବସ ପାଳନ ଅବସରରେ ଲଦାଖ ଠାରେ ବାଇକ ରାଲି ଆୟୋଜିତ

# ଏଲ୍ଏସ୍ ପିଏମ୍- ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ତାଙ୍କୁ ସାଧାରଣ ଜନତାଙ୍କର ସମର୍ଥନ ମିଳିଛି। ସେ କହିଛନ୍ତି, ତାଙ୍କ ସରକାର ସମସ୍ତଙ୍କ ପାଇଁ ସମାନ ନ୍ୟାୟ ନୀତିକୁ ଗୁରୁତ୍ୱ ଦେଉଛି। ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଉତ୍ତର ଦେଇ ଲୋକସଭାରେ ଶ୍ରୀ ମୋଦୀ ଏହା କହିଛନ୍ତି।

ସାଧାରଣ ନିର୍ବାଚନରେ ଜନସାଧାରଣ ନିଜର ପରିପକ୍ୱତା ଓ ବୁଦ୍ଧି ପ୍ରଦର୍ଶନ କରିଥିବାରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶବାସୀ ତାଙ୍କ ସରକାରଙ୍କ ନୀତି, ଉଦ୍ଦେଶ୍ୟ ଏବଂ ସମର୍ପଣ ଉପରେ ବିଶ୍ୱାସ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାର 'ସବକା ସାଥ ସବକା ବିକାଶ'ର ନୀତି ଆଧାରରେ କାର୍ଯ୍ୟ କରୁଛି । ଅଗ୍ନିବୀର ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ,

ଶ୍ରୀ ଗାନ୍ଧୀ ଦୁର୍ନୀତି ମାମଲାରେ ଜାମିନ୍‌ରେ ଅଛନ୍ତି ଏବଂ ଓବିସି ସମ୍ପ୍ରଦାୟର ଅପାମନିତ କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। କଂଗ୍ରେସ ନେତାଙ୍କ ବିରୁଦ୍ଧରେ ଏବେ ମଧ୍ୟ ଅନେକ ମାନହାନୀ ମୋକଦ୍ଦମା ବିଚାରଧୀନ ରହିଛି ବୋଲି ସେ କହିଛନ୍ତି। ଲୋକସଭା ସହ ଚାରୋଟି ରାଜ୍ୟରେ ହୋଇଥିବା ଏକକାଳୀନ ନିର୍ବାଚନରେ ଏନ୍‌ଡିଏ ମେଣ୍ଟକୁ ସଫଳତା ମିଳିଛି ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ଗୃହରେ ପ୍ରତିବାଦ କରିଥିଲେ। ବାଚସ୍ପତି ଓମ୍ ବିର୍ଲା ବିରୋଧୀଙ୍କ ଆଚରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଗୃହରେ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ।

## ଏଲ୍‌ଏସ୍ ବିଜେପି- ରାହୁଲ ରିମାର୍କସ

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଗତକାଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଇଥିବା ମନ୍ତବ୍ୟକୁ ନେଇ ବିଜେପି ସଦସ୍ୟ ବାଂସୁରୀ ସ୍ୱରାଜ ଆଜି ଲୋକସଭାରେ ଏକ ନୋଟିସ୍ ଆଗତ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ସେ ନୋଟିସ୍ ଆଗତ କରି ଅଭିଯୋଗ କରିଥିଲେ, ଶ୍ରୀ ଗାନ୍ଧୀ ତାଙ୍କ ଭାଷଣରେ ଅନେକ ଭୁଲ ତଥ୍ୟ ଦେଇଥିଲେ ବୋଲି ଅଭିଯୋଗ କରିଥିଲେ। ଏଥିପାଇଁ ତାଙ୍କ

ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ କହିଥିଲେ। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ତାଙ୍କ ଭାଷଣର ହଟାଯାଇଥିବା ଅଂଶ ତଥା ମନ୍ତବ୍ୟକୁ ପୁନରୁଦ୍ଧାର କରିବାକୁ ଅନୁରୋଧ କରିଛନ୍ତି।

## ମହା- ଲେଜିସଲେଟିଭ୍ କାଉନସିଲ

ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ଅମ୍ବା ଦାସ ଦାନଭେଙ୍କୁ ୫ ଦିନ ପାଇଁ ନିଲମ୍ବିତ କରାଯାଇଛି। ଗୃହରେ ଅସଂସଦୀୟ ଭାଷା ବ୍ୟବହାର କରିଥିବାରୁ ଏହି ଶିବସେନା ନେତାଙ୍କୁ ନିଲମ୍ବନ କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଗୃହରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ବହୁମତରେ ପାରିତ ହୋଇଥିଲା। ଗୃହର ଉପାଧ୍ୟକ୍ଷ ନିଲମ ଗୋରେ କହିଛନ୍ତି, ଶ୍ରୀ ଦାନଭେଙ୍କ ଆଚରଣ ଗୃହର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି। ଏଭଳି ଅସଦାଚରଣକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ନିଲମ୍ବନ ଆଦେଶ ପ୍ରଦାନ ସମୟରେ ଶ୍ରୀ ଗୋରେ ଏହା କହିଥିଲେ। ଅନ୍ୟପକ୍ଷରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ କୌଣସି ଆଲୋଚନା ବିନା ଏଭଳି ନିଲମ୍ବନ ଆଦେଶ ଏକତରଫା ବୋଲି ଅଭିଯୋଗ କରିଛନ୍ତି। ନିର୍ବାଚିତ ସଦସ୍ୟଙ୍କୁ ନିଲମ୍ବନ କରିବା ସଂକ୍ରାନ୍ତ ପ୍ରସ୍ତାବ ଉପରେ ଆଲୋଚନା କରାଯିବାର କୌଣସି ନିୟମ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦେବେନ୍ଦ୍ର ଫଡ଼ଣାବିସ କହିଛନ୍ତି।

# କୋର୍ଟ କେଜରିୱାଲ ସିବିଆଇ

ମଦ ଦୁର୍ନୀତି ମାମଲାରେ ସିବିଆଇ ଗିରଫକୁ ବିରୋଧ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପକ୍ଷରୁ ଆଗତ ମାମଲାରେ ଦିଲ୍ଲୀ ହାଇକୋର୍ଟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛି। ବିଚାରପତି ଜଷ୍ଟିସ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ ଏହି ମାର୍ମଲାରେ ଆସନ୍ତା ୧୭ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଥିକ ହେରଫେର ମାମଲାରେ ଶ୍ରୀ କେଜରିୱାଲ ଏବେ ୧୪ ଦିନ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଏହି ହାଜତ ମିଆଦ ଆସନ୍ତା ୧୨ ତାରିଖରେ ପୂରଣ ହେବ। ସୂଚନାଯୋଗ୍ୟ ଗତ ମାସ ୨୬ ତାରିଖରେ ସିବିଆଇ ଏହି ମାମମଲାର କେଜରିୱାଲଙ୍କୁ ଗିରଫ କରି ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରିଥିଲା। କୋର୍ଟ ପଚରାଉଚରା ଲାଗି ଶ୍ରୀ କେଜରିୱାଲଙ୍କୁ ତିନିଦିନ ପାଇଁ ସିବିଆଇ ହେପାଜତକୁ ପଠାଇ ଦେଇଥିଲେ। ତିହାର ଜେଲରେ ଶ୍ରୀ କେଜରିୱାଲଙ୍କୁ ଜେରା କରିବା ଲାଗି ସ୍ୱତନ୍ତ୍ର ଅଦାଲତ ଗତ ସପ୍ତାହରେ ସିବିଆଇକୁ ଅନୁମତି ପ୍ରଦାନ କରିଥିଲେ।

# ମୁମ୍ବାଇ- ସିବିଆଇ ରେଡ୍

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମୁମ୍ବାଇରେ ରହୁଥିବା ଆଉ ଜଣେ ପାସପୋର୍ଟ ଏଜେଣ୍ଟଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଗତକାଲି ଚଢ଼ାଉ କରିଛି।

ଚଢ଼ାଉ ସମୟରେ ନଗଦ ୧ କୋଟି ୫୯  ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ଆପତ୍ତିଜନକ କାଗଜପତ୍ର ଓ ଡିଜିଟାଲ ପ୍ରମାଣ ଜବତ କରାଯାଇଛି। ଏହା ପୂର୍ବରୁ ସିବିଆଇ ମୁମ୍ବାଇସ୍ଥିତ ପାସପୋର୍ଟ କାର୍ଯ୍ୟାଳୟରେ କାର୍ଯ୍ୟରତ ପାସପୋର୍ଟ ସହାୟକ ଓ ବରିଷ୍ଠ ପାସପୋର୍ଟ ସହାୟକଙ୍କ ସମେତ ୩୨ ଜଣ ଅଧିକାରୀଙ୍କ ବିରୋଧରେ ୧୨ଟି ମାମଲା ରୁଜୁ କରିଥିଲା। ଏହି ଅଧିକାରୀମାନେ ପାସପୋର୍ଟ ଏଜେଣ୍ଟଙ୍କ ସହ ନିୟମିତ ଯୋଗାଯୋଗରେ ରହି ଅସମ୍ପୂର୍ଣ୍ଣ କାଗଜପତ୍ର ଆଧାରରେ ପାସପୋର୍ଟ ପ୍ରସ୍ତୁତ କରିବା କିମ୍ବା ପାସପୋର୍ଟ ଆବେଦନକାରୀଙ୍କ ବ୍ୟକ୍ତିଗତ ବିବରଣୀରେ ହେରଫେର କରି ବ୍ୟକ୍ତିଗତ ଫାଇଦା ହାସଲ ପାଇଁ ସେମାନଙ୍କ ସହ ଷଡ଼ଯନ୍ତ୍ର କରୁଥିବା ନେଇ  ଅଭିଯୋଗ ହୋଇଥିଲା।

## ଗ୍ଲୋବାଲ ଇଣ୍ଡିଆ ସମିଟ୍

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ନୂଆଦିଲ୍ଲୀରେ ଗ୍ଲୋବାଲ ଇଣ୍ଡିଆ ଏ.ଆଇ ଶିଖର ସମ୍ମିଳନୀ ୨୦୨୪କୁ ଉଦଘାଟନ କରିବେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଶିଖର ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ପ୍ରଶାସନ ଏବଂ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଏ.ଆଇ ଉଦ୍ଭାବନକୁ ବ୍ୟାପକ କରିବାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯିବ। ବିଶ୍ୱସ୍ତରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧ ଥିବାରୁ ଏହି ଶିଖର ସମ୍ମିଳନୀ ଭାରତ ପାଇଁ

ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଶିଖର ସମ୍ମିଳନୀରେ ଅନ୍ତର୍ଜାତୀୟ ପ୍ରତିନିଧି, ଏଆଇ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନେ ଅଂଶଗ୍ରହଣ କରିବେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଏହି ଉଦ୍‌ଘାଟନ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## କୋଇଲା- ରିଭ୍ୟୁ ମିଟିଂ

କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍ ନାଗାରାଜୁ ନୂଆଦିଲ୍ଲୀରେ 'ଉତ୍ପାଦିତ ଏବଂ ଉତ୍ପାଦନ ହେବାକୁ ଥିବା' ଏବଂ 'କାର୍ଯ୍ୟକ୍ଷମ ହେଉ ନ ଥିବା' କ୍ୟାପ୍‌ଟିଭ୍ ଏବଂ ବାଣିଜ୍ୟିକ କୋଇଲା ଖଣିଗୁଡ଼ିକର ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଆଲୋକପାତ କରିଥିଲେ। ଶ୍ରୀ ନାଗରାଜୁ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ସମସ୍ତ ଆବଣ୍ଟନକାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହା ସହ କୋଇଲା ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଅଧିକ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଗତ ମାସ ଶେଷ ସୁଦ୍ଧା ୫୪ଟି କ୍ୟାପଟିଭ୍ ଏବଂ ବାଣିଜ୍ୟିକ କୋଇଲା ଖଣି କାର୍ଯ୍ୟକ୍ଷମ ଥିବାବେଳେ ସେଥିମଧ୍ୟରୁ ୩୨ଟି ଖଣି ଶକ୍ତିକ୍ଷେତ୍ରକୁ ଦିଆଯାଇଛି। ୧୦ଟି ଖଣିକୁ କୋଇଲା ବିକ୍ରୟ ପାଇଁ ଏବଂ ୧୨ଟି ଖଣିକୁ ଅନ୍ୟାନ୍ୟ ସଂସ୍ଥାକୁ ଆବଣ୍ଟନ କରାଯାଇଛି। ଚଳିତ ଆର୍ଥିକ ବର୍ଷରୁ ୧୧ଟି ଖଣିରେ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି।

## ବ୍ରାଜିଲ୍-ଫ୍ଲଡ

ବ୍ରାଜିଲର ଦକ୍ଷିଣାଞ୍ଚଳ ରାଜ୍ୟ ରିଓ ଗ୍ରାଣ୍ଡେ ଡୋ ସୁଲରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଶହେ ଅଣାଅସୀ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସେଠାକାର ବେସାମରିକ ପ୍ରତିରକ୍ଷା ସଂସ୍ଥା କହିଛି, ଗୁଏବା ନଦୀରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଦକ୍ଷିଣାଞ୍ଚଳ ରାଜ୍ୟର ପ୍ରାୟ ୯୦ ପ୍ରତିଶତ ଅଞ୍ଚଳ ପ୍ରଭାବିତ ହୋଇଛି। ସଂସ୍ଥା ଅନୁଯାୟୀ, ଗତ ଦୁଇ ମାସ ମଧ୍ୟରେ ଆଶାତୀତ ପାଗ ପରିବର୍ତ୍ତନ ଯୋଗୁଁ ସୃଷ୍ଟ ପରିସ୍ଥିତିରେ ୨୦ ଲକ୍ଷ ଅଣାଚାଳିଶି ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୫୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଆର୍ଜେଣ୍ଟିନା ଏବଂ ଉରୁଗୁଏ ସୀମାରେ ଅବସ୍ଥିତ ରିଓ ଗ୍ରାଣ୍ଡେ ଡୋ ସୁଲର ଏକ କୃଷି ଏବଂ ପଶୁସମ୍ପଦ ପୂର୍ଣ୍ଣ ଅଞ୍ଚଳରୁ ସୈନିକ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଅଣାନବେ ହଜାରରୁ ଅଧିକ ପ୍ରଭାବିତ ଲୋକ ଏବଂ ୧୫ ହଜାର ପଶୁଙ୍କୁ ଉଦ୍ଧାର କରାଯାଇଛି।

## ଲଦାଖ- କାର୍ଗିଲ ବାଇକ ର୍ୟାଲି

ଭାରତୀୟ ସେନାର ବୀରତ୍ୱ ଏବଂ ବଳିଦାନକୁ ସ୍ମରଣ କରି ଲଦାଖରେ ଆଜି ପୁରୁଣା କାର୍ଗିଲ ସ୍ମାରକୀଠାରୁ ରନ୍ଧାୱା ଟପ୍ ପର୍ଯ୍ୟନ୍ତ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୯୯ ମସିହାରେ କାରଗିଲ ଯୁଦ୍ଧରେ ଭାରତ’ ପାକିସ୍ତାନ ଉପରେ ବିଜୟ ଲାଭ

କରିଥିଲା । କାର୍ଗିଲ ବିଜୟ ଦିବସର ୨୫ତମ ବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି । ଭାରତୀୟ ସେନା ଏବଂ ସ୍ୱେଚ୍ଛାସେବୀ ସଂଗଠନ ପଓ୍ୱନ ପୃଥ୍ୱୀ ପାନିର ମିଳିତ ସହଯୋଗରେ ଏହି ରାଲିର ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ବ୍ରିଗେଡିୟର ଜୟଦୀପ ଚାନ୍ଦ ପୁରୁଣା କାର୍ଗିଲ ସ୍ମାରକୀରେ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ସ୍ୱରୂପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ନିକଟରେ ନବୀକରଣ ହୋଇଥିବା କାର୍ଗିଲ କୁଟୀର ଉଦ୍‌ଘାଟିତ ହୋଇଥିଲା । ଏହି ଐତିହ୍ୟ ସ୍ଥଳ ପର୍ଯ୍ୟଟକଙ୍କ ପାଇଁ  ଜୁନ୍ ୨୦୨୩ରୁ ଖୋଲାଯାଇଥିଲା ।

*****